# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୧୩/୨୦୨୨ (୧୬ ପୃଷ୍ଠା) Berhampur, Tuesday, September 13/2022 Page 16 ₹ 7.00 ★★★

୧୮ଶ ଭାଗ ୨୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 18 ISSUE 226 ମୂଲ୍ୟ ₹୭/-





## ନକଲି ବିଦେଶୀ ମଦ ଜବତ, ୪ କୋର୍ଟଚାଲାଣ

ଗୋପାଳପୁର,(ଡି.ଏନ.ଏ.): ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ବଜାର ଥାନା ହରିଡ଼ାଖଣ୍ଡି ଅଞ୍ଚଳର ମୁନା ନାୟକ, ସୀତାରାମ ସାହିର ବୁଲୁ ପାତ୍ର, ଜଗବନ୍ଧୁ ସାହିର ସନିଆ ସାହୁ ଓ ଗୋଳନ୍ଥରା ଥାନା କନିଷି ହାଟ ଗ୍ରାମର ନିଲୁ ସାହୁ। ସେମାନଙ୍କଠାରୁ ୨୦ ଲିଟର ନକଲି ବିଦେଶୀ ମଦ, ୪୦ ଲିଟର ସ୍ପିରିଟ, ୫୦୦ ଖାଲି ବୋତଲ, ୩୦୦୦ ବୋତଲ ଠିପି, ବିଭିନ୍ନ କମ୍ପାନୀର ଲେବଲ, ୧ ଲିଟର କଲର, ୫୦୦ ସରକାରୀ ଲଗୋ, ଅଟୋ (ଓଆର ୦୭ ଆର ୦୩୬୫) ଓ ସ୍କୁଟି (ନଂ ଓଆର୦୭ଏମ୍୭୩୪୮)କୁ ଜବତ କରିଥିବା ପ୍ରେସ୍ ବିଜ୍ଞପ୍ତିରେ ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଅଟୋ ତଳେ ଚାପିହୋଇ ଜଣେ ମୃତ, ୨ ଆହତ

ବ୍ରହ୍ମପୁର ଅଫିସ,୧୨।୯-
ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ହୁଗୁଳାପଟ୍ଟା ଛକରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଗୋଟିଏ ଅଟୋ ଚକାତଳେ ଚାପି ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଅଟୋରେ ବସିଥିବା ଅନ୍ୟ ଦୁଇ ମହିଳା ଗୁରୁତର ହୋଇଛନ୍ତି। ମୃତକ ଜଣ ବାଙ୍କିଆପଲି ଗ୍ରାମର ଟି. ମୃଷା ପାତ୍ର (୬୩)। ଆହତମାନେ ଉକ୍ତ ଗ୍ରାମର ଇ. ଲକ୍ଷ୍ମୀ (୪୮), ବି. ପଦ୍ମା ପାତ୍ର (୪୬)। ଏ ନେଇ ପୋଲିସ ନଂ.୪୨୧/୨୨ରେ ଏକ ମାମଲା ରୁଜୁ କରିଛି। ଅଟୋ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, ବାଙ୍କିଆପଲି ଗ୍ରାମର କେତେଜଣ ମହିଳା ଓ ପୁରୁଷ ସୋମବାର ଚଣ୍ଡିପଦରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ କୌଣସି କାମରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ମୃଷା ପାତ୍ର, ଇ. ଲକ୍ଷ୍ମୀ ଓ ପଦ୍ମା ସେଠାରେ କାମ ସାରି ଚଣ୍ଡିପଦର ଛକକୁ ଆସିଥିଲେ। ସେଠାରେ ଥିବା ଏକ ଅଟୋ (ନଂ ଓଡି୦୭ ଟି ୧୧୧୮) ଭଡ଼ା କରି ସେମାନେ ହୁଗୁଳାପଟ୍ଟା ଛକକୁ ଯାଉଥିଲେ। ଉକ୍ତ ଛକ ପୂର୍ବରୁ ଏକ କୁକୁର ଗାଡ଼ି ସମ୍ମୁଖକୁ ଆସିଯିବାରୁ ଅଟୋଟି ରାସ୍ତା ଉପରେ ଓଲଟି ପଡ଼ି ଦୁର୍ଘଟଣା ଘଟିଥିଲା।

### କମାପଲ୍ଲୀର ସବୁ ସାହିରେ ବରପୁତ୍ରଙ୍କ ଫଟୋ

ବ୍ରହ୍ମପୁର ଅଫିସ,୧୨।୯-ବ୍ରହ୍ମପୁର ମହାନଗରର ୩୨ନଂ. ୱାର୍ଡ କମାପଲ୍ଲୀ ଅଞ୍ଚଳର ସବୁ ସାହି ଛକରେ ବରପୁତ୍ରମାନଙ୍କ ଫଟୋଚିତ୍ର ଲଗାଯାଇଛି। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଓ ଯୁବପୀଢ଼ିଙ୍କୁ ବରପୁତ୍ରଙ୍କ ସମ୍ପର୍କରେ ସଚେତନ କରାଇବା ପାଇଁ ଏହା କରାଯାଇଛି। ବିଭିନ୍ନ ସ୍ଥାନରେ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସମ୍ବିଧାନ ପ୍ରଣେତା ଡ଼. ଆମ୍ବେଦକର, ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ, ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋ ବିଭିନ୍ନ ସାହିରେ ଲଗାଯାଇଛି। ସେହିପରି କମାପଲ୍ଲୀ ମୁଖ୍ୟ ସାହି ପ୍ରାରମ୍ଭରେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କ ଫଟୋ ଶୋଭାପାଉଛି। ଆଉ କେତେକ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ବିପ୍ଲବୀ ଭଗତ ସିଂ, ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ, ଗଞ୍ଜାମର ଜନପ୍ରିୟ ନେତା ବୃନ୍ଦାବନ ନାୟକ, ଶିକ୍ଷାବିତ୍ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ଫଟୋ ଲାଗିଛି। ଏହି ୱାର୍ଡରେ ୧୭ ସାହି ବସ୍ତି ଅଛି। ଆଗାମୀ ଦିନରେ ବ୍ରହ୍ମପୁର ଜନ୍ମିତ ପୂର୍ବତନ ରାଷ୍ଟ୍ରପତି ଭି.ଭି.ଗିରି, ଡ଼. ହରେକୃଷ୍ଣ ମହତାବ, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଫଟୋଚିତ୍ର ଲଗାଯିବ ବୋଲି ଉଦ୍ୟୋକ୍ତା ଯୁବନେତା ତଥା ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଏହା କରାଯାଇଥିବା ସେ ଦର୍ଶାଇଛନ୍ତି। ଅପରପକ୍ଷରେ କମାପଲ୍ଲୀ ଅଞ୍ଚଳରେ ଚଳପ୍ରଚଳ ଲୋକଙ୍କୁ ଫଟୋଗୁଡ଼ିକ ଆକର୍ଷିତ କରୁଥିବା କୁହାଯାଇଛି।

# ନାବାଳକଙ୍କ ସମେତ ୮ଜଣଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର ଅଫିସ,୧୨।୯

ବ୍ରହ୍ମପୁର ସୋମନାଥ ନଗରରେ ରହୁଥିବା ସୋଲଚନା ପାତ୍ରଙ୍କ ତାଲାବନ୍ଦ ଘରୁ ଦୁର୍ବୃତ୍ତମାନେ ଅଗଷ୍ଟ ୨୯ ରେ ୧୧ ଲକ୍ଷ ଟଙ୍କା ଓ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମ ସୁନା ଗହଣା ଚୋରି କରି ନେଇଥିଲେ। ଘଟଣା ପରେ ଏକ ଟିମ୍ ଗ୍ୟାଙ୍ଗର ଜଣେ ନାବାଳକଙ୍କ ସମେତ ୮ଜଣଙ୍କୁ ଧରିଛି। ସିସିଟିଭି ଫୁଟେଜ ଓ ଚୋରି ସୁନା ବିକ୍ରି ବେଳେ ଏହି ଗ୍ୟାଙ୍ଗକୁ ଠାବ କରି ସେମାନଙ୍କୁ କାବୁ କରିଥିବା ପୋଲିସ କହିଛି। ନାବାଳକ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଉକ୍ତ ଘରୁ ସୁନା ଗହଣା ଓ ଟଙ୍କା ଚୋରି କରିବା ପରେ ଦୁର୍ବୃତ୍ତମାନେ ସେମାନଙ୍କ ମଧ୍ୟରେ ଭାଗ ବାଣ୍ଟି ନେଇଯାଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ରହିଛନ୍ତି ଅଭିଯୁକ୍ତ ଶେଖ ସାକୀର (୨୪), ଶେଖ ନୂର(୨୨), ଶେଖ ଗୋଟୁ ଓରଫ ସୋନୁ (୨୦), ଶେଖ ଇମ୍ରାନ (୧୯)। ସେହିଭଳି ଚୋରି ସୁନା ଗହଣା କ୍ରୟ କରିଥିବା ଅଭିଯୋଗରେ କେ. ନାରାୟଣ ରାଓ ଆଚାରୀ(୪୬), ଭି. ସାଇରାମ(୨୦) ଓ ଏନ. ଅରୁଣ କୁମାର (୨୮)। ପୋଲିସ ୩୫୫ ଗ୍ରାମ ସୁନା ଗହଣା ଓ ୯୪ ହଜାର ଟଙ୍କା ଜବତ କରିଛି। ସେହିଭଳି ଘଟଣାରେ ବ୍ୟବହାର ହୋଇଥିବା ବାଇକ (ନଂ ଓଡ଼ି ୦୭ ଏଏଚ ୬୩୬୬) ଓ ଏକ ମୋବାଇଲ ଫୋନ ଜବତ କରିଛି। ମାମଲା ନମ୍ବର ୨୪୫/୨୨ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚୋରି ଘଟଣାର ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସପି କହିଛନ୍ତି। ଏନେଇ ସୋମବାର ସନ୍ଧ୍ୟାରେ ପୋଲିସ ମୁଖ୍ୟାଳୟରୁ ଏକ ପ୍ରେସନୋଟରେ ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହଜାର କରାଯାଇଛି। ପରେ ଜେଜେବି ନିର୍ଦ୍ଦେଶରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।


ଗିରଫ ଅଭିଯୁକ୍ତ ସହ ଜବତ ସୁନା, ଟଙ୍କା ଓ ଅନ୍ୟ ସାମଗ୍ରୀ ।

**ଚୋରି ଘଟଣା**
- ସୁନା ଅଳଙ୍କାର, ୯୪ ହଜାର ଜବତ
- ତଦନ୍ତ ପାଇଁ ରିମାଣ୍ଡରେ ଅଣାଯିବ

# ରେଳଧାରଣାରୁ ୩ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୨।୯

ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ସୋମବାର ପୃଥକ୍ ରେଳଧାରଣାରୁ ୩ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ଜଣଙ୍କର ପରିଚୟ ସ୍ପଷ୍ଟ ହୋଇପାରିଛି। ଅନ୍ୟ ଦୁଇଜଣଙ୍କର ପରିଚୟ ମିଳିପାରି ନ ଥିବା ପୋଲିସ କହିଛି। ସୋମବାର ସକାଳେ କନିଷି ରେଳଧାରଣା ଫାଟକ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୮ ବର୍ଷ ହେବ ବୋଲି ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୬୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଗଞ୍ଜାମ ନିକଟ ରେଳଧାରଣାରୁ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଜଣଙ୍କ କରପଡ଼ା ଗ୍ରାମର ପ୍ରଶାନ୍ତ କୁମାର ନାୟକ(୨୭)। ଖବର ପାଇ ଛତ୍ରପୁରରେ ରହୁଥିବା ତାଙ୍କ ଭ୍ରାଇଁ ଅସିତ୍ କୁମାର ସେନାପତି ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ନଂ.୬୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ବ୍ରହ୍ମପୁର ଉପକଣ୍ଠ ଖୋଡ଼ାସିଂ ରେଳଧାରଣାରୁ ସୋମବାର ଅପରାହ୍ନରେ ପୋଲିସ ଆଉ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ଏ ସଂକ୍ରାନ୍ତରେ ନଂ.୬୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିଚୟ ମିଳି ନ ଥିବା ଉକ୍ତ ଦୁଇ ମୃତଦେହ ବ୍ୟବଚ୍ଛେଦ ପରେ ସଂରକ୍ଷଣ ଗୃହରେ ରଖାଯାଇଥିବା ପୋଲିସ କହିଛି।

# ସଂସ୍କାରବାଦୀ ସଂଗଠନର ସମାଜସେବା, ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟ ବୃନ୍ଦ

ବ୍ରହ୍ମପୁର ଅଫିସ,୧୨।୯

ସଂସ୍କାରବାଦୀ ସଂଗଠନ ପକ୍ଷରୁ ବିଜିପୁର ସନ୍ତୋଷୀମା ମନ୍ଦିର ସଭା କକ୍ଷରେ ସମାଜସେବା ଓ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପରାମର୍ଶଦାତା ଉପେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ତମ ଚିନ୍ତାଧାରା ଓ ପ୍ରଭାବୀ ଅନୁଷ୍ଠାନ ଏକାଠି କାର୍ଯ୍ୟ କଲେ ଅଞ୍ଚଳ, ରାଜ୍ୟ ଏବଂ ଦେଶର ଉନ୍ନତି ନିଶ୍ଚିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦେବୀପ୍ରସାଦ ସାହୁ, ଡ. ଉମାଶଙ୍କର ମିଶ୍ର, ଲକ୍ଷ୍ମୀନାରାୟଣ ମହାରଣା, ହରେକୃଷ୍ଣ ପଣ୍ଡା ଓ ଅନ୍ୟାନ୍ୟ ବିଶେଷଜ୍ଞ ଯୋଗ ଦେଇଥିଲେ। ସଂଘ ସଭାପତି ତ୍ରିନାଥ ମହାରଣା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

# ବିଧାନସଭା ଗୃହ କମିଟିର ଗଜପତି ଗସ୍ତ




ପାରଳାଖେମୁଣ୍ଡି,୧୨।୯(ଡି.ଏନ.ଏ.)

ପାରଳାଖେମୁଣ୍ଡି,୧୨।୯(ଡି.ଏନ.ଏ.)– ବିଧାନସଭା ଗୃହ କମିଟିର ୭ ଜଣିଆ ଟିମ୍ ସୋମବାର ଦିନିକିଆ ଗଜପତି ଜିଲା ଗସ୍ତରେ ଆସିଥିଲେ। କମିଟିର ସଭାପତି ତଥା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ସଭ୍ୟ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଦାଶରଥୀ ଗମାଙ୍ଗ, ଅଙ୍ଗଦ କହଁର, ପ୍ରଫୁଲ୍ଲ ସାମଲ, ପ୍ରୀତମ ପାଢ଼ୀ , ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ପ୍ରମୁଖ ପାରଳାଖେମୁଣ୍ଡିଠାରେ ଜିଲାର ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ସହ ଆଲୋଚନା ପରେ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଗୃହ କମିଟି ସନ୍ତୁଷ୍ଟ ଥିବା ଜଣାପଡ଼ିଛି। ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଯାହାକି, ଜିଲାରେ ସବୁ ଠିକ ଚାଲିଥିବା ସଭାପତି ଶତପଥୀ କହିଛନ୍ତି।ଗୃହ କମିଟିର ସମୀକ୍ଷା ବେଳେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ହେଲେ ସ୍ଥାନୀୟ ବିଧାୟକଙ୍କ ଦେଖା ମିଳି ନ ଥିଲା । କେଉଁ କାରଣରୁ ବିଧାୟକ ଅନୁପସ୍ଥିତ ରହିଲେ ତାହା ବର୍ତ୍ତମାନ ଯାଏ ଅସ୍ପଷ୍ଟ ରହିଛି। ତେବେ ଏହି କମିଟି ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ଅଛନ୍ତି । ହେଲେ ସ୍ଥାନୀୟ ବିଧାୟକଙ୍କ ଦେଖା ମିଳି ନ ଥିଲା । କେଉଁ କାରଣରୁ ବିଧାୟକ ଅନୁପସ୍ଥିତ ରହିଲେ ତାହା ବର୍ତ୍ତମାନ ଯାଏ ଅସ୍ପଷ୍ଟ ରହିଛି। ତେବେ ଏହି କମିଟି ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ଅଛନ୍ତି ।

**କ୍ଷେତ୍ର ପରିଦର୍ଶନ, ବିଭିନ୍ନ ଯୋଜନାର ସମୀକ୍ଷା**

### ଛତ୍ରପୁରରେ ବିଧାନସଭା ଏଥିକ୍ସ କମିଟି

ଛତ୍ରପୁର,୧୨।୯(ଡି.ଏନ.ଏ.)

ଓଡିଶା ବିଧାନସଭା ଏଥିକ୍ସ କମିଟି ସୋମବାର ଗଞ୍ଜାମ ଜିଲା ଛତ୍ରପୁର ଠାରେ ପହଞ୍ଚିଥିଲେ। ଗଜପତି ଜିଲା ଗସ୍ତବେଳେ କମିଟିର ସଦସ୍ୟ ମାନେ ଛତ୍ରପୁର ସର୍କିଟ ହାଉସଠାରେ କିଛି ସମୟ ଅଟକି ଥିଲେ। କମିଟିର ସଭାପତି ତଥା ବିଧାୟକ ଅମର ପ୍ରସାଦ ଶତପଥି, ସଭ୍ୟ ତଥା ପ୍ରଫୁଲ୍ଲ ସାମଲ ପ୍ରମୁଖ ସଭ୍ୟ ତଥା ବିଧାୟକ ମାନେ ଥିଲେ ଏହି ରହଣି ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ ପ୍ରମୁଖ ସହ କମିଟି ସଦସ୍ୟ ଅନୋଉପଚାରିକ ଆଲୋଚନା କରିଥିଲେ।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୧୨।୯

ଆଇନଜୀବୀ ନୃସିଂହ ନାଥ ଦାସ(୬୨)ଙ୍କର ସୋମବାର ସକାଳେ ପରଲୋକ ଘଟିଛି। ଏନେଇ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ, ଉପସଭାପତି ପ୍ରକାଶ ଚନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ବି. ଦୁର୍ଗା ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍‌କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ଏଆଇଡିଏସ୍‌ଓର ଓଡ଼ିଶା ଛାତ୍ର ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୨।୯

ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ୨ଦିନିଆ ୧୧ତମ ସାରା ଓଡ଼ିଶା ଛାତ୍ର ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାସ ଗୁପ୍ତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏଆଇଡିଏସ୍‌ଓର ସର୍ବଭାରତୀୟ ସଭାପତି ଭି.ଏନ୍. ରାଜଶେଖର ଓ ସର୍ବଭାରତୀୟ ସମ୍ପାଦକ ସୌରଭ ଘୋଷ୍ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୭୫ ଜଣ ପ୍ରତିନିଧି ମୁଖ୍ୟ ଚିଠା ପ୍ରସ୍ତାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ନିର୍ବାଚନ କରିବା, ବନ୍ଦ ହୋଇଥିବା ୧୪୩୭୯ ସରକାରୀ ବିଦ୍ୟାଳୟ ଖୋଲିବା, ଏନ୍‌ଏମ୍‌ସି ବିଲ୍ ଓ ଏକ୍‌ଜିଟ ଟେଷ୍ଟ ବାତିଲ କରିବା ତଥା ଦେଶରେ ସାମ୍ପ୍ରଦାୟିକତା ଦୂର ସମ୍ପର୍କିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ସିଦ୍ଧାର୍ଥ ରଥ ମୁଖ୍ୟ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ରାଜ୍ୟ ସମ୍ପାଦକ ସୁବାସ ନାୟକ ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଶିକ୍ଷା ଓ ଛାତ୍ର ଆନ୍ଦୋଳନକୁ ଆଗଭର ପାଇଁ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ନେତୃତ୍ୱରେ ୧୩୪ ଜଣିଆ ଏକ ରାଜ୍ୟ କାଉନ୍‌ସିଲ ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ମଧୁମିତା ସାହୁ, କ୍ରିଷ୍ଣାରାଣୀ ସାହୁ, ଶାଶ୍ୱତ ସାହୁ ଓ ରେଖା ଦଣ୍ଡପାଟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜକରାରେ ପଥର ଖାଦାନ ପାଇଁ ଜନଶୁଣାଣି

ରାୟଗଡ଼(ଗଜପତି)୧୨।୯–

ରାୟଗଡ଼ ବ୍ଲକ ଅଧିନ କେରାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜକରା ଗ୍ରାମରେ ପଥର ଖାଦାନ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସୋମବାର ଜନଶୁଣାଣି ହୋଇଯାଇଛି। ଏଥିରେ ଗଜପତି ଜିଲାର ଅତିରିକ୍ତ ଜିଲାପାଳ ପ୍ରଦୀପ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ରାୟଗଡ଼ା ଆଞ୍ଚଳିକ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣର ଅଧିକାରୀ ହେମେନ୍ଦ୍ର ନାଥ ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପ ପରିବେଶ ଯନ୍ତ୍ରୀ ରିପୁ କୁମାର ସାହୁ, ବୋର୍ଡର ଗୁଣବତ୍ତା ଅଧିକାରୀ ଗୌରୀ ଚନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ତହସିଲଦାର ଲୀଳାବତୀ ଆଚାର୍ଜୀ, ସରପଞ୍ଚ କମଳା ଶବର, ମେସର୍ସ ତେଜସ୍ୱିନୀ ଗ୍ରାନାଇଟର କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ ତହସିଲ ଅଧୀନ ଜକରା ରାଜସ୍ୱ ଗ୍ରାମର ଭଗବନ୍ଧ ନିକଟରେ ୨୨.୬୭ ହେକ୍ଟର ପରିମିତ ଅଞ୍ଚଳରେ ଡେକୋରେଟିଭ୍ ପଥର ଖଣିରୁ ବାର୍ଷିକ ୭୦୦୦ ଘନ ମିଟର ପଥର ମେସର୍ସ ତେଜସ୍ୱୀନି ଗ୍ରାନାଇଟ ଉତ୍ପାଦନ କରିବ। ଏଥି ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପକ୍ଷରୁ ନିୟମକୁ ଅବଲମ୍ବନ କରି ଏକ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରଘୁନାଥ ଶବର, ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ଶବର, ଜାରା ଶବର, ମିତଙ୍ଗୀ ଭୂୟାଁ, ଜୋସ୍ନାରାଣୀ ଭୂୟାଁ ଆଶା, ଗୋରାଚାନ୍ଦ ଭୂୟାଁ, ନଗେନ୍ଦ୍ର ଶବର, ଇନ୍ଦ୍ରମଣି ଶବର, ଲକ୍ଷ୍ମଣ ଶବରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

# ଆନ୍ତଃ ଜିଲା ବିଦ୍ୟାଳୟସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗୀତା

ବ୍ରହ୍ମପୁର ଅଫିସ,୧୨।୯



ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଗ୍ରୁପକୁ ପୁରସ୍କୃତ କରାଯାଉଛି ।

ଆନ୍ତଃ ଜିଲା ବିଦ୍ୟାଳୟସ୍ତରୀୟ ଲୋକ ନୃତ୍ୟ ପ୍ରତିଯୋଗୀତା ସୋମବାର ଟାଟା ବେଞ୍ଜ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ରଙ୍ଗେଇଲୁଣ୍ଡା ବିଇଓ ଶାନ୍ତିଲତା ମୁନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ଜିଲା ବିଜ୍ଞାନ ନିରୀକ୍ଷକ ପନ୍ନାଗ ଭୂଷଣ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ ଜିଲାର ୧୦ ବିଦ୍ୟାଳୟର ୬୦ ପ୍ରତିଯୋଗୀ ଓ ୧୦ ମାର୍ଗଦର୍ଶକ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗୀତରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦାସପୁର, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ ଓ କଞ୍ଜୁଡୁ ସରକାରୀ ଉଚ୍ଚ ବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଲୋକନୃତ୍ୟ ଗ୍ରୁପ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଏଥି ନିମନ୍ତେ ତାରିଖ ଧାର୍ଯ୍ୟ ହେବା ପରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗ୍ରୁପକୁ ଜଣାଇ ଦିଆଯିବ ବୋଲି ଜିଲା ଶିକ୍ଷାଧିକାରୀ ଜଣାଇଥିଲେ। ଅନୁଷ୍ଠିତ ପ୍ରତିଯୋଗୀତାରେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଶିକ୍ଷକ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ରଶ୍ମିତା କୁମାରୀ ପାଢ଼ୀ, ନୃତ୍ୟଗୁରୁ ଜୟନ୍ତ ଆଚାର୍ଯ୍ୟ, ବମକେଇ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଡ଼.ପ୍ରଭାତୀ ମହାପାତ୍ର, ହଞ୍ଜିଳିକାଟୁ ବିଇଓ ଏସ୍.ଗୀରିଧର ଅତିଥି ଭାବେ ଯୋଗଦେଇ ବିଜୟୀ ଲୋକନୃତ୍ୟ ଗ୍ରୁପକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭଙ୍ଗାଯାଉନି ଗିରି ମାର୍କେଟ କୋଠା

ବ୍ରହ୍ମପୁର ଅଫିସ,୧୨।୯



ଗିରି ମାର୍କେଟ କୋଠା।

ବ୍ରହ୍ମପୁର ସହରର ହୋଲ୍‌ସେଲ୍ ବାଣିଜ୍ୟ ପେଣ୍ଠସ୍ଥଳୀ କହିଲେ ଗିରି ମାର୍କେଟ ବେଶ୍ ପରିଚିତ। ଏହି ମାର୍କେଟ ପ୍ରାୟ ୫୦ ବର୍ଷ ପୁରୁଣା। ଉକ୍ତ ମାର୍କେଟ ଉପରେ ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡ଼ିଶାର ଅନେକ ବ୍ୟବସାୟୀ ନିର୍ଭରଶୀଳ। ଏହି ମାର୍କେଟ ୧୯୭୪ ମେ ୨୪ ରେ ପ୍ରତିଷ୍ଠା ହୋଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ଭି.ଭି.ଗିରି ଉଦ୍‌ଘାଟନ କରିଥିଲେ। କିନ୍ତୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବଜାରରେ ୧୫୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ରହିଛି। ଜରାଜୀର୍ଣ୍ଣ କୋଠାଟି କେତେବେଳେ ଭୁଷୁଡ଼ି ପଡ଼ିବ ସେ ନେଇ ସ୍ଥାନୀୟ ବ୍ୟବସାୟୀ ଆତଙ୍କିତ ହୋଇଛନ୍ତି। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କୋଠାଟିକୁ ଭାଙ୍ଗିବା ପାଇଁ ବାରମ୍ବାର ନୋଟିସ ଦିଆଯାଉଥିଲେ ସୁଦ୍ଧା ଏ ଯାଏ ଏହାକୁ ଭଙ୍ଗାଯାଉ ନାହିଁ। ଫଳରେ ୨ ଦିନ ଧରି ଲଗାଣ ବର୍ଷାରେ କୋଠାଟି ଆହୁରି ଦୟନୀୟ ହୋଇ ପଡିଛି। ଆଗାମୀ ଦିନରେ ଆଉ ଏକ ଲଘୁଚାପ ବର୍ଷା ଆଶଙ୍କା ଥିବା ବେଳେ ବର୍ଷାରେ କୋଠା କ୍ଷୟକ୍ଷତି ସାଙ୍ଗକୁ ବ୍ୟବସାୟୀ ମଧ୍ୟ କ୍ଷତି ସହିବେ ବୋଲି ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବଜାରର ଉନ୍ନତୀକରଣ ନେଇ ମେ ୧୩ରେ ବିଏମ୍‌ସି କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଉନ୍ନତୀକରଣ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ମଧ୍ୟ ହୋଇଥିଲା। ଏଥିସହ ଉକ୍ତ ବଜାରର ବ୍ୟବସାୟୀଙ୍କୁ ଜାଗା ସ୍ଥାନାନ୍ତର ପାଇଁ ନୋଟିସ ମଧ୍ୟ ଦିଆଯାଇଥିଲା। ତତ୍‌ସହିତ ଅଗଷ୍ଟ ୧୫ ପୂର୍ବରୁ ଗିରି ମାର୍କେଟ କୋଠା ଭଙ୍ଗାଯିବା ପାଇଁ ବିଏମ୍‌ସି ପକ୍ଷରୁ ଯୋଜନା କରାଯାଇଥିଲା। କିନ୍ତୁ ଯୋଜନାର ୧ ମାସ ପୂରିବାକୁ ବସିଥିବା ବେଳେ ବର୍ତ୍ତମାନ ସୁଦ୍ଧା କୋଠା ଭାଙ୍ଗିବା କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ନେଇ ବିଏମ୍‌ସିର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ମାର୍କେଟର ଉପର ମହଲାରେ ଥିବା ଅନେକ ବ୍ୟବସାୟୀ ମୀନାକ୍ଷୀନଗରଠାରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଦୋକାନ ଗୃହ ସ୍ଥାନାନ୍ତର କରି ସାରିଛନ୍ତି। କିନ୍ତୁ ତଳ ମହଲାରେ ଥିବା ବ୍ୟବସାୟୀମାନେ ଏ ଯାଏ ସ୍ଥାନାନ୍ତର ହୋଇନାହାନ୍ତି। ଏହାଦ୍ୱାରା ବିଏମ୍‌ସିକୁ କୋଠା ହସ୍ତାନ୍ତର ହୋଇପାରି ନାହିଁ। ଫଳରେ କୋଠା ଭଙ୍ଗାଯିବା ନେଇ ବାଧା ଉପୁଜିଥିବା ସେ କହିଛନ୍ତି। ଅନ୍ୟପଟେ ବ୍ୟବସାୟୀ ଉମେଶ ସୁବୁଦ୍ଧି କହିଛନ୍ତି, କୋଠା ଭାଙ୍ଗିବା ପାଇଁ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏଥିସହ ବ୍ୟବସାୟୀଙ୍କୁ ସ୍ଥାନାନ୍ତର ପାଇଁ ବିଏମ୍‌ସି ପକ୍ଷରୁ କୌଣସି ଜାଗା ଦିଆଯାଇ ନ ଥିବା ସେ କହିଛନ୍ତି।

**ଦୋକାନ ଗୃହ ସ୍ଥାନାନ୍ତର ସାଜିଛି ବାଧକ**

